# ଅଧ୍ୟାୟ – ୨

# ଗ୍ରାମ ପାଣ୍ଠି ଏବଂ ଏହାର ପରିଚାଳନା

**୨.୧ ଗ୍ରାମ, ଗ୍ରାମଶାସନ ଓ ଗ୍ରାମପାଣ୍ଠି ଉପରେ ଜ୍ଞାତବ୍ୟ ସୂଚନା:**

୨.୧.୧ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ର ଧାରା ୩ ଅନୁସାରେ ଏକ ବା ପରସ୍ପର ସହିତ ସଂଲଗ୍ନ ହୋଇଥିବା ଏକାଧିକ ରାଜସ୍ୱ ଗ୍ରାମକୁ ନେଇ ଏହି ଆଇନ୍ ଉଦ୍ଦେଶ୍ୟରେ ଗୋଟିଏ ଗ୍ରାମ ଗଠନ କରାଯାଇଥାଏ । ୧୯୯୭ରେ ଏହି ଧାରାର ଏକ ସଂଶୋଧନ ଅନୁଯାୟୀ ଅନୁସୂଚୀତ ଅଞ୍ଚଳ (ଆଦିବାସୀ ବହୁଳ)ମାନଙ୍କରେ ଏକ ବା ଏକାଧିକ ସ୍ୱୟଂ ପରିଚାଳିତ ଜନଗୋଷ୍ଠୀଙ୍କର ଏକ ବା ଏକାଧିକ ଜନବସତିକୁ ନେଇ ଏକ ଗ୍ରାମ ଗଠିତ ହୋଇ ପାରିବ । ଗ୍ରାମର ସମସ୍ତ ସାବାଳକ ସଦସ୍ୟମାନଙ୍କୁ ନେଇ ଯେଉଁ ସ୍ଥାୟୀ ସାଂଗଠନିକ ସତ୍ତା ଗଠିତ ହୋଇଥାଏ, ତାହା ହେଉଛି ଗ୍ରାମଶାସନ, ଯାହାକି ଗ୍ରାମ ନାମରେ ପରିଚିତ ହେବ ଏବଂ ଯାହାର ଏହିସବୁ କ୍ଷେତ୍ରରେ ମୌଳିକ କ୍ଷମତା ରହିଛି, ଯଥା ସମ୍ପତ୍ତିର କ୍ରୟ, ବ୍ୟବହାର, ହସ୍ତାନ୍ତର ବା ବିକ୍ରୟ, ଚୁକ୍ତିନାମା ସମ୍ପାଦନ ତଥା ନ୍ୟାୟାଳୟରେ କୌଣସି ମୋକଦ୍ଦମାରେ ପକ୍ଷଭୁକ୍ତ ହେବା (ଧାରା ୪) । ଗ୍ରାମପଞ୍ଚାୟତ ହେଉଛି ଗ୍ରାମଶାସନର କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ (ଧାରା-୭) । ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ନେଇ ଗ୍ରାମ ପଞ୍ଚାୟତ ଗଠିତ ହୋଇଥାଏ । ଗ୍ରାମପଞ୍ଚାୟତର ସଭ୍ୟମାନଙ୍କର ନିର୍ବାଚନ ପାଇଁ ପ୍ରତି ଗ୍ରାମଶାସନକୁ କେତୋଟି ନିର୍ବାଚନ-ମଣ୍ଡଳୀ ବା ୱାର୍ଡରେ ବିଭକ୍ତ କରାଯାଇଥାଏ । ପ୍ରତି ୱାର୍ଡର ଜନସଂଖ୍ୟା ଅନ୍ୟ ୱାର୍ଡ ସହିତ ମୋଟାମୋଟି ଭାବେ ସମାନ ରହିବ । କୌଣସି ଗ୍ରାମରେ ୧୧ଠାରୁ କମ୍ ଏବଂ ୨୫ରୁ ବେଶୀ ସଂଖ୍ୟକ ୱାର୍ଡ ରହି ପାରିବ ନାହିଁ (ଧାରା-୮) ।

୨.୧.୨ ଯେଉଁ ଗ୍ରାମରେ ଏକାଧିକ ରାଜସ୍ୱ ଗ୍ରାମ ଥାଏ, ସେହିଭଳି ପ୍ରତି ଗ୍ରାମ ଅଧୀନରେ ଥିବା ପ୍ରତି ରାଜସ୍ୱ ଗ୍ରାମ ପାଇଁ ଗୋଟିଏ ଲେଖା ପଲ୍ଲୀସଭା ଗଠିତ ହେବ, କିନ୍ତୁ ଯେଉଁଠି ଗୋଟିଏ ୱାର୍ଡ ଅଧୀନରେ ଏକାଧିକ ରାଜସ୍ୱ ଗ୍ରାମ ଥାଏ, ସେଠାରେ ସେହି ୱାର୍ଡ ପାଇଁ ଗୋଟିଏ ମାତ୍ର ପଲ୍ଲୀସଭା ଗଠିତ ହେବ । ପଲ୍ଲୀସଭାର ମୂଳ ଉଦ୍ଦେଶ୍ୟ ହେଉଛି, ଗ୍ରାମରେ କି ପ୍ରକାର ଉନ୍ନୟନ ଯୋଜନାମାନ କାର୍ଯକାରୀ ହେବ, ସେ ବିଷୟରେ ଗ୍ରାମ ପଞ୍ଚାୟତକୁ ସୁପାରିଶ୍ କରିବା ତଥା ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରାମ ପାଇଁ ପ୍ରସ୍ତୁତ ବାର୍ଷିକ ବଜେଟ୍ ଅଟକଳକୁ ଅନୁମୋଦନ କରିବା (ଧାରା ୬) ।

୨.୧.୩ ଓଡିଶା ଗ୍ରାମପଞ୍ଚାୟତ ଆଇନ୍‌ର ନବମ ଅଧ୍ୟାୟ(ଅର୍ଥବ୍ୟବସ୍ଥା)ରେ ଗ୍ରାମଶାସନର ବିବିଧ ପ୍ରୟୋଜନ ପାଇଁ କେଉଁସବୁ ସୂତ୍ରରୁ ଅର୍ଥ ଆସିପାରେ ଏବଂ ଅର୍ଥ ବ୍ୟୟ କରାଯାଇ ପାରେ ତହିଁର ବିଶଦ୍ ସୂଚନା ଦିଆଯାଇଛି । ଏହି ଅଧ୍ୟାୟର ଧାରା-୯୩ରେ କୁହାଯାଇଛି ଯେ, ପ୍ରତ୍ୟେକ ଗ୍ରାମଶାସନ ପାଇଁ ଗୋଟିଏ ଗ୍ରାମପାଣ୍ଠି ଗଠିତ ହେବ ।

**୨.୨ କେଉଁ ସୂତ୍ରରୁ ଗ୍ରାମପାଣ୍ଠିକୁ ସମ୍ବଳ ଆସିଥାଏ ?**

ଆଇନ୍‌ର ଧାରା ୯୩(୧) ଅନୁଯାୟୀ ଗ୍ରାମପାଣ୍ଠିକୁ ନିମ୍ନଲିଖିତ ସୂତ୍ରରୁ ଅର୍ଥ ଆସିପାରେ –

(ଏ)ଏହି ଆଇନ୍ ଅଧୀନରେ ଲାଗୁ ହୋଇଥିବା ବିଭିନ୍ନ ଟିକସ, ଟୋଲ୍, ଫିସ୍, ବା ଦେୟରୁ ଆଦାୟ ହୋଇଥିବା ଆୟ ।

(ବି) ଗ୍ରାମଶାସନର ଇଲାକା ଭିତରେ ଘଟିଥିବା କୌଣସି ଅପରାଧ ଉପରେ ଓ.ଗ୍ରା.ପ.ଆଇନ୍ ଅଧୀନରେ ରଜ୍ଜୁ ହୋଇଥିବା କୋଣସି ମୋକଦ୍ଦମାର କାର୍ଯ୍ୟବିଧି ଫଳରେ ଯଦି କୌଣସି ଜୋରିମାନା ଲାଗୁ ବା ଆଦାୟ ହୋଇଥାଏ, ତାହା ଗ୍ରାମପାଣ୍ଠିରେ ଜମା ଦିଆଯିବ; ଏହାଛଡା ଅନ୍ୟ କୌଣସି ଆଇନ୍ ବା ନିୟମାବଳୀରେ ଯଦି ବ୍ୟବସ୍ଥା ଥାଏ ଯେ ଏତାଦୃଶ ଜୋରିମାନା ଗ୍ରାମପାଣ୍ଠିକୁ ଯିବ, ତେବେ ତାହା ମଧ୍ୟ ଗ୍ରାମପାଣ୍ଠିରେ ଜମା ଦିଆଯିବ ।

(ସି) କୌଣସି ଅଦାଲତ ଯେଉଁ ସମସ୍ତ ଅର୍ଥରାଶିକୁ ଗ୍ରାମପାଣ୍ଠିରେ ଜମା ଦେବାକୁ ଆଦେଶ ଦେଇଥିବେ ।

(ଡି) ଗ୍ରାମଶାସନ ଦ୍ୱାରା ବା ଗ୍ରାମଶାସନ ତରଫରୁ କୌଣସି ସମ୍ପତ୍ତିର ବିକ୍ରୀବଟାରୁ ମିଳିଥିବା ଅର୍ଥରାଶି ।

(ଇ) ଗ୍ରାମଶାସନର ମାଲିକାନା, ନ୍ୟାସ, ନିର୍ଦ୍ଦେଶନା, ପରିଚଳନା ବା ନିୟନ୍ତ୍ରଣ ଅଧୀନରେ ଥିବା ବିଭିନ୍ନ ସମ୍ପତ୍ତି, ସଂସ୍ଥା ବା ଉଦ୍ୟୋଗରୁ ମିଳୁଥିବା ଆୟସମୂହ ।

(ଏଫ୍) ଏହି ଆଇନ୍ ବା ନିୟମାବଳୀ ଅଧୀନରେ ଦଣ୍ଡାଦେଶ, କ୍ଷତିପୂରଣ ବା ରଫାନାମା କାରଣରୁ ମିଳିଥିବା ଯେ କୌଣସି ଅର୍ଥରାଶି ।

(ଜି) ସରକାର ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ବା ଗ୍ରାମପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନାରୁ ମିଳୁଥିବା ଆୟ ।

(ଏଚ୍) କୌଣସି ଅନୁଷ୍ଠାନ ବା ସଂସ୍ଥାର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ବାବଦକୁ ରାଜ୍ୟ ସରକାର କିମ୍ବା ପଞ୍ଚାୟତ ସମିତିରୁ ଗ୍ରାମପଞ୍ଚାୟତକୁ ଦିଆଯାଇଥିବା ଅର୍ଥ ।

(ଆଇ) ଯେଉଁସ୍ଥଳେ କୋଣସି ସରକାରୀ ସମ୍ପତ୍ତିର କୋଣସି ଭଡା ବା ଆୟ ଗ୍ରାମପାଣ୍ଠିକୁ ଜମା ଦିଆଯିବ ବୋଲି ରାଜ୍ୟ ସରକାର ଆଦେଶ କରିଥାନ୍ତି ସେପରି ସ୍ଥଳେ ସେହି ଭଡା ବା ଆୟ ବାବଦରେ ମିଳୁଥିବା ଅର୍ଥରାଶି ।

(ଜେ) ଯେଉଁ ସ୍ଥଳେ ରାଜ୍ୟ ସରକାର ସ୍ୱତନ୍ତ୍ର ବା ସାଧାରଣ ଆଦେଶ ବଳରେ କୋଣସି ସରକାରୀ ରାଜସ୍ୱ ବା ଆୟର କୌଣସି ଅଂଶକୁ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯିବ ବୋଲି ନିର୍ଦ୍ଦେଶ ଦେଇଥାନ୍ତି, ସେ ପରି ସ୍ଥଳେ ଉକ୍ତ ରାଜସ୍ୱ ବା ଆୟର ସେହି ଅଂଶ ।

(କେ) ଯେ କୌଣସି ସୂତ୍ରରୁ ଗ୍ରାମ ପଞ୍ଚାୟତକୁ ଋଣ, ଦାନ, ଅନୁଦାନ ଅଥବା ଅନ୍ୟାନ୍ୟ ମଞ୍ଜୁରୀ ସୂତ୍ରରେ ମିଳୁଥିବା ଅର୍ଥରାଶି ।

(ଏଲ୍) ଓଡିଶା ସେସ୍ ଆଇନ ୧୯୬୨ ଅନୁସାରେ ଯେଉଁସବୁ ଅର୍ଥରାଶି ମିଳିଥାଏ ।

(ଏମ୍) ଗ୍ରାମଶାସନ ଦ୍ୱାରା ବା ତରଫରୁ କୌଣସି ଅର୍ଥ-ଲଗାଣ ବା କାରବାର ଫଳରେ ମିଳୁଥିବା ସୁଧ ବା ଲାଭ ବାବଦରେ ଅର୍ଥରାଶି ।

(ଏନ୍) ଓ.ଗ୍ରା.ପ.ଆଇନ୍‌ର ପ୍ରାରମ୍ଭ ବେଳେ ଗ୍ରାମପାଣ୍ଠିରେ ଜମା ଥିବା ବଳକା ଅର୍ଥରାଶି ।

### ୨.୩ ଗ୍ରାମପାଣ୍ଠି କେଉଁସବୁ କାର୍ଯ୍ୟାବଳୀ ପାଇଁ ଉଦ୍ଦିଷ୍ଟ ?

ଓଡିଶା ଗ୍ରାମ ପଞ୍ଚାୟତ ନିୟମାବଳୀର ନିୟମ ୧୧୭ ଅନୁଯାୟୀ ଆଇନ୍ ଓ ନିୟମାବଳୀରେ ଯେଉଁସବୁ ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟାବଳୀ ସୂଚୀତ ହୋଇଛି ସେଗୁଡିକର ସଂପାଦନ ଓ ପ୍ରଶାସନ ପାଇଁ

ଗ୍ରାମପାଣ୍ଠି ବିହିତ ପଦ୍ଧତିରେ ବିନିଯୁକ୍ତ ହେବ । ଓ.ଗ୍ରା.ପ.ଆଇନ୍‌ର ଧାରା-୪୪ ଓ ଧାରା-୪୫ରେ ଯଥାକ୍ରମେ ବାଧ୍ୟତାମୂଳକ ଓ ସ୍ୱେଚ୍ଛାକୃତ କାର୍ଯ୍ୟମାନ ପରିଚାଳନା ପାଇଁ ଗ୍ରାପପଞ୍ଚାୟତକୁ କ୍ଷମତା ପ୍ରଦାନ କରାଯାଇଅଛି । ସୁତରାଂ ସେହିଭଳି କାର୍ଯ୍ୟଗୁଡିକର ସଂପାଦନ ପାଇଁ ଗ୍ରାମପାଣ୍ଠିର ବ୍ୟବହାର କରାଯାଇ ପାରିବ । ନିମ୍ନରେ ଉଭୟ ଧରଣର କାର୍ଯ୍ୟାବଳୀର ତାଲିକା ଯଥାକ୍ରମେ ସୂଚୀତ କରାଗଲା ।

**୨.୩.୧ ବାଧ୍ୟତାମୂଳକ କାର୍ଯ୍ୟାବଳୀ:** ଧାରା ୪୪ ଅଧୀନରେ ଗ୍ରାମପଞ୍ଚାୟତର ୩ ଶ୍ରେଣୀର ବାଧ୍ୟତାମୂଳକ କାର୍ଯ୍ୟାବଳୀର ଅବତାରଣା କରାଯାଇଛି, ଯାହାକି ଯଥାକ୍ରମେ ଉପଧାରା (୧), (୨) ଓ (୩)ରେ ବର୍ଣ୍ଣିତ ହୋଇଛି । ଏଠାରେ ଉଲ୍ଲେଖନୀୟ ଯେ, ଓ.ଗ୍ରା.ପ. ଆଇନ୍ ୧୯୬୪ରେ ଅନେକଗୁଡିଏ ବାଧ୍ୟତାମୂଳକ କାର୍ଯ୍ୟର ତାଲିକା ଦିଆଯାଇ ଥିଲେ ହେଁ ୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ ଏବଂ ୧୯୯୬ରେ 'ପେସା' (ଅନୁସୂଚୀତ ଅଞ୍ଚଳସମୂହକୁ ପଞ୍ଚାୟତ ସଂପ୍ରସାରଣ ଆଇନ୍) ଲାଗୁ ହେବା ପରେ ଓଡିଶା ଆଇନ୍‌ରେ ଆଉ କେତେକ ବାଧ୍ୟତାମୂଳକ କାର୍ଯ୍ୟାବଳୀର ସଂଯୋଗ କରାଯାଇଛି ।

**(କ) ଧାରା ୪୪ (୧) ଅନୁଯାୟୀ ବାଧ୍ୟତାମୂଳକ କାର୍ଯ୍ୟାବଳୀ-**

(ଏ) ସର୍ବସାଧାରଣ ରାସ୍ତା ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ, ପରିବର୍ତ୍ତନ ଓ ଉନ୍ନତୀକରଣ ।

(ବି) ସର୍ବସାଧାରଣ ରାସ୍ତା ଓ ସ୍ଥାନଗୁଡିକରେ ଆଲୋକ, ଜଳ ସିଞ୍ଚନ ଏବଂ ସଫେଇ ବ୍ୟବସ୍ଥା ।

(ସି) ସର୍ବସାଧାରଣ ରାସ୍ତା ଓ ସ୍ଥାନଗୁଡିକରେ ବେଆଇନ୍ ଭାବେ ଗଢି ଉଠିଥିବା ଅବରୋଧ, ପ୍ରସାରଣ ଏବଂ ଜବରଦଖଲ ଗୁଡିକୁ ଉଚ୍ଛେଦ କରିବା ।

(ଡି) ଜଳନିଷ୍କାସନ ଏବଂ ତତ୍ ସଂପର୍କୀୟ ସମସ୍ତ କାର୍ଯ୍ୟ ଏବଂ ସର୍ବସାଧାରଣ ପାଇଖାନା, ମୂତ୍ରାଶୟ ଏବଂ ସେହି ପ୍ରକାର ସୁବିଧାସମୂହର ନିର୍ମାଣ, ରକ୍ଷଣାବେକ୍ଷଣା ଓ ସଫେଇ ତଥା ନର୍ଦ୍ଦମା ଜଳ ଓ ମଇଳାର ନିଷ୍କାସନର ବ୍ୟବସ୍ଥା ।

(ଇ) ସର୍ବସାଧାରଣ ଓ ଘରୋଇ ବ୍ୟବହାର ଉଦ୍ଦେଶ୍ୟରେ ଜଳ ଯୋଗାଣ ବ୍ୟବସ୍ଥାର ନିର୍ମାଣ ଓ ରକ୍ଷଣାବେକ୍ଷଣ ତଥା ପାନୀୟ ଜଳର ଉତ୍ସସମୂହ ଏବଂ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ଜଳ ସାଇତା ବ୍ୟବସ୍ଥାର ନିୟନ୍ତ୍ରଣ ।

(ଏଫ୍) ମଇଳା, ଆବର୍ଜନା ଏବଂ ଅନ୍ୟାନ୍ୟ ଦୁର୍ଗନ୍ଧକର ଦୂଷିତ ବସ୍ତୁକୁ ସଫାକରିବା, ସ୍ଥାନାନ୍ତର ଏବଂ ନିଷ୍କାସନ କରିବା ।

(ଜି) ଅସ୍ୱାସ୍ଥ୍ୟକର ସ୍ଥାନର ପୁନରୁଦ୍ଧାର, ପଚାସଢା ପନିପରିବା, ତଥା ସମସ୍ତ ପ୍ରକାର ଆବର୍ଜ୍ଜନାର ଦୂରୀକରଣ ।

(ଏଚ୍) ସମସ୍ତ ପ୍ରକାର ମହାମାରୀ, ସଂକ୍ରାମକ ବା ଅନ୍ୟାନ୍ୟ ମାରତ୍ମକ ରୋଗର ବ୍ୟାପ୍ତିକୁ ପ୍ରତିଷେଧ ଏବଂ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପମାନ ।

(ଆଇ) ଅନିଷ୍ଟକର ଏବଂ ବିପଜ୍ଜନକ ଶିଳ୍ପ ଓ କାରବାରକୁ ନିୟନ୍ତ୍ରଣ ଓ ପ୍ରତିରୋଧ ।

(ଜେ) ଗ୍ରାମପଞ୍ଚାୟତର ପରିଚାଳନା ଉଦ୍ଦେଶ୍ୟରେ ନ୍ୟସ୍ତ ଥିବା ସମସ୍ତ ସମ୍ପତ୍ତିର ସୁରକ୍ଷା, ରକ୍ଷଣାବେକ୍ଷଣ

ଓ ଉନ୍ନତୀକରଣ ।

(କେ) ଗ୍ରାମବାସୀଙ୍କ ସାଧାରଣ ହିତ ଦୃଷ୍ଟିରୁ ସର୍ବସାଧାରଣଙ୍କ ପାଇଁ ଗୋଚର ଜମିର ବ୍ୟବସ୍ଥା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ।

(ଏଲ୍) ଗୋସଂଖ୍ୟା ଗଣନା, ଜନସଂଖ୍ୟା ଗଣନା ଏବଂ ବିହିତ ହେବାକୁ ଥିବା ଅନ୍ୟ କୌଣସି ଗଣନା କାର୍ଯ୍ୟ ସଂବନ୍ଧୀତ ରେକର୍ଡ ଗୁଡ଼ିକର ରକ୍ଷଣାବେକ୍ଷଣ ।

(ଏମ୍) ବିକ୍ରୟ ହେଉଥିବା ପଶୁମାନଙ୍କର ପଞ୍ଜିକରଣ ।

(ଏନ୍) ଶସ୍ୟାଦିର ସୁରକ୍ଷା ପାଇଁ ଗୋମହିଷାଦିର ଚଳାଚଳକୁ ନିୟନ୍ତ୍ରଣ ।

(ଓ) ବୁଲା ଏବଂ ମାଲିକବିହୀନ କୁକୁରମାନଙ୍କୁ ନିପାତ କରିବା।

(ପି) ପ୍ରାଥମିକ ଶିକ୍ଷା ନିମନ୍ତେ ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ କରିବାରେ ପଞ୍ଚାୟତ ସମିତିକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ।

(କ୍ୟୁ) ରାଜ୍ୟ ସରକାର ଚାହିଁବା ମତେ ଗ୍ରାମ ଏବଂ ପଡିଆଗୁଡିକର ପରିସୀମା ଚିହ୍ନକୁ ତଦାରଖ ଏବଂ ରକ୍ଷଣାବେକ୍ଷଣ କରିବା ଏବଂ ଗ୍ରାମ ସମ୍ବନ୍ଧୀତ ରେକର୍ଡ ଗୁଡ଼ିକର ରକ୍ଷଣାବେକ୍ଷଣ କରିବା ।

(ଆର୍) ମୃତ୍ତିକା ସଂରକ୍ଷଣ କାର୍ଯ୍ୟଗୁଡ଼ିକର ତତ୍ତ୍ୱାବଧାନ ଏବଂ ରକ୍ଷଣାବେକ୍ଷଣ କରିବା ।

(ଏସ୍) ପଙ୍ଗତ, ମେଳା, ମହୋତ୍ସବ ଇତ୍ୟାଦିର ନିୟନ୍ତ୍ରଣ କରିବା, ଏବଂ ବଜାର, ହାଟ ଏବଂ ଯାନବାହାନ ଷ୍ଟାଣ୍ଡର ପ୍ରତିଷ୍ଠା, ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ କରିବା ଏବଂ ଏହିସବୁ ବଜାର, ହାଟ ଏବଂ ମେଳାମାନଙ୍କରେ ପଶୁଗୁଡିକର ବିକ୍ରୟକୁ ପଞ୍ଜିକରଣ କରିବା ।

(ଟି) କୃଷି ସଂପ୍ରସାରଣ ସମେତ କୃଷି କ୍ଷେତ୍ରରେ ଆର୍ଥିକ ଉନ୍ନୟନ ଏବଂ ସାମାଜିକ ନ୍ୟାୟ ଉଦ୍ଦେଶ୍ୟରେ ବିଭିନ୍ନ ସ୍କିମ୍‌କୁ କାର୍ଯ୍ୟକାରୀ କରିବା ।

(ୟୁ) ଲଘୁ ବନଜାତ ସାମଗ୍ରୀ ।

(ଭି) ଖାଦ୍ୟ ପ୍ରକ୍ରିୟାନ୍ୱୟନ ଶିଳ୍ପ ସମେତ କ୍ଷୁଦ୍ର ଶିଳ୍ପୋଦ୍ୟୋଗସମୂହ ।

(ଡବ୍ଲ୍ୟୁ) ଗ୍ରାମାଞ୍ଚଳ ଗୃହନିର୍ମାଣ ।

(ଏକ୍ସ )ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ।

(ୱାଇ) ମହିଳା ଓ ଶିଶୁ ବିକାଶ ।

(ଜେଡ୍) ଅକର୍ମଣ୍ୟ ଏବଂ ମାନସିକଭାବେ ଅପାରଗ ବ୍ୟକ୍ତିଙ୍କ କଲ୍ୟାଣ ସମେତ ସମାଜ କଲ୍ୟାଣ ।

(ଜେଡ୍-୧) ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ।

(ଜେଡ୍-୨) ଯୌଥ ସମ୍ପଦର ରକ୍ଷଣାବେକ୍ଷଣ ।

ଏଠାରେ ଉଲ୍ଲେଖନୀୟ ଯେ, ଜନ୍ମ, ମୃତ୍ୟୁ, ଓ ବିବାହ ପଞ୍ଜିକରଣ କରିବା ପାଇଁ ଆଗରୁ ଥିବା ବାଧ୍ୟତାମୂଳକ ଦାୟିତ୍ୱ ୨୦୦୪ ମସିହା ସଂଶୋଧନ ଆଇନ୍ ଫଳରେ ଉଚ୍ଛେଦ ହୋଇଛି ।

**(ଖ) ଧାରା ୪୪(୨) ଅନୁଯାୟୀ ଅନୁସୂଚୀତ ଅଞ୍ଚଳରେ ଗ୍ରା.ପ.ର କ୍ଷମତା ଓ କାର୍ଯ୍ୟାବଳୀ-**

୧୯୯୭ ମସିହାରେ ଓ.ଗ୍ରା.ପ. ଆଇନ୍‌ର ଏକ ସଂଶୋଧନ ଫଳରେ ଅନୁସୂଚୀତ ଅଞ୍ଚଳରେ ଗ୍ରାମ ପଞ୍ଚାୟତ ନିମ୍ନୋକ୍ତ ବିଷୟରେ ନିଜର କ୍ଷମତା ପ୍ରୟୋଗ କରିପାରିବ; କିନ୍ତୁ କେଉଁ ପଦ୍ଧତିରେ ଏହି କ୍ଷମତା ପ୍ରୟୋଗ କରାଯିବ ତାହା ରାଜ୍ୟ ସରକାର ବିହିତ କରିବେ ।

(ଏ) ଯେ କୌଣସି ମାଦକ ଦ୍ରବ୍ୟର ବିକ୍ରୟ ଓ ବ୍ୟବହାରକୁ ନିଷେଧ, ନିୟନ୍ତ୍ରଣ ଏବଂ କଟକଣାଧୀନ କରିବା;

(ବି) ଲଘୁ ବନଜାତ ସାମଗ୍ରୀର ମାଲିକାନା ;

(ସି) ଅନୁସୂଚୀତ ଜନଜାତିର ଲୋକମାନଙ୍କ ଠାରୁ ଜମି ହସ୍ତାନ୍ତରକୁ ପ୍ରତିଷେଧ କରିବା ତଥା ବେଆଇନ୍ ଭାବେ ହସ୍ତାନ୍ତରିତ ହୋଇଥିବା ଜମିକୁ ଅନୁସୂଚୀତ ଜନଜାତିଙ୍କୁ ଫେରସ୍ତ ଦେବା ।

(ଡି) ଅନୁସୂଚୀତ ଜନଜାତିମାନଙ୍କ ଭିତରେ ଋଣ କାରବାର କରିବା ।

**(ଗ) ଧାରା ୪୪(୩) ଅନୁଯାୟୀ ଗ୍ରା.ପ.ର ଆଉ କେତେକ ବାଧ୍ୟତାମୂଳକ କାର୍ଯ୍ୟାବଳୀ-**

୨୦୦୪ରେ ଓ.ଗ୍ରା.ପ. ଆଇନ୍‌ର ସଂଶୋଧନ କରାଯାଇ କୁହାଯାଇଛି ଯେ, ଗୋଟିଏ ଗ୍ରା.ପ. ନିଜର ଆର୍ଥିକ ସୀମା ଭିତରେ ରହି ତଥା ଓ.ଗ୍ରା.ପ.ଆଇନ୍ ଓ ନିୟମାବଳୀ ଅଧୀନରେ ରହି ନିମ୍ନୋକ୍ତ ଦାୟିତ୍ୱମାନ ସମ୍ପାଦନ କରିବେ ।

(ଏ) ଆର୍ଥିକ ଉନ୍ନୟନ ଏବଂ ସାମାଜିକ ନ୍ୟାୟ ହାସଲ ଉଦ୍ଦେଶ୍ୟରେ ଯୋଜନା ପ୍ରସ୍ତୁତି କରିବା , ଏବଂ

(ବି) ସମ୍ବିଧାନର ୧୧ଶ ଅନୁସୂଚୀରେ ସ୍ଥାନିତ ହୋଇଥିବା ବିଷୟଗୁଡ଼ିକ ସମେତ ଆର୍ଥିକ ଉନ୍ନୟନ ଏବଂ ସାମାଜିକ ନ୍ୟାୟ ପାଇଁ ବିଭିନ୍ନ ସ୍କିମ୍‌ଗୁଡ଼ିକର କାର୍ଯ୍ୟକାରିତା, ଅନ୍ୟ କୋଣସି ସ୍କିମ୍ ବା କାର୍ଯ୍ୟକ୍ରମର ସଂପାଦନ ବା କୌଣସି ସଂସ୍ଥାର ପରିଚାଳନା, ଯାହାକି ସରକାର ଆଦେଶ ବଳରେ ବିହିତ କରିପାରନ୍ତି ।

**୨.୪ ଗ୍ରାମପାଣ୍ଠି କେଉଁସବୁ ସ୍ୱେଚ୍ଛାକୃତ କାର୍ଯ୍ୟାବଳୀ ପାଇଁ ଉଦ୍ଦିଷ୍ଟ ?**

ଧାରା ୪୫ ଅନୁଯାୟୀ ରାଜ୍ୟ ସରକାରଙ୍କ ପୁର୍ବ ଅନୁମୋଦନ ତଥା ନିର୍ଦ୍ଦେଶନା ମତେ ଗ୍ରାମପଞ୍ଚାୟତ ନିଜର ଏକ ବୈଠକରେ ନିଷ୍ପତ୍ତି ନେଇ ନିମ୍ନୋକ୍ତ ଇଚ୍ଛାଧୀନ କାର୍ଯ୍ୟାବଳୀ ହାତକୁ ନେଇ ପାରନ୍ତି ।

(ଏ) ସର୍ବସାଧାରଣ ରାସ୍ତା ଓ ସର୍ବସାଧାରଣ ସ୍ଥାନର ପାର୍ଶ୍ୱରେ ବୃକ୍ଷରୋପଣ ଓ ତାହାର ରକ୍ଷଣାବେକ୍ଷଣ ।

(ବି) ରାଜ୍ୟ ସରକାର ଯେଉଁସବୁ ଜଙ୍ଗଲକୁ ଗ୍ରାମ୍ୟଜଙ୍ଗଲ ବୋଲି ବିଜ୍ଞପ୍ତି କରିଥିବେ ତାହାର ରକ୍ଷଣାବେକ୍ଷଣ ।

(ସି) ଗୋମହିଷାଦିର ଉନ୍ନତ ପ୍ରଜନନ ଏବଂ ଡାକ୍ତରୀ ଚିକିତ୍ସା ଏବଂ ଗୋ-ରୋଗର ପ୍ରତିଷେଧ ।

(ଡି) କଂସେଇଖାନାର ନିର୍ମାଣ, ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ ।

(ଇ) ପତିତ ଜମିକୁ ଚାଷୋପଯୋଗୀ ଜମିରେ ପରିଣତ କରିବା ତଥା ଅନୁର୍ବର ଜମିକୁ ଚାଷ କରିବାରେ ଚାଷୀମାନଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ।

(ଏଫ୍) ସମବାୟ ପ୍ରଥାର ବିକାଶ, ଉନ୍ନତ ଧରଣର ବିହନ ଓ ଯନ୍ତ୍ରପାତି ପାଇଁ ସମବାୟ ଭଣ୍ଡାରକୁ ପ୍ରୋତ୍ସାହନ,

ପ୍ରତିଷ୍ଠା, ସମବାୟ ସୁତ୍ରରେ ଗ୍ରାମର ଜମି ଓ ଅନ୍ୟାନ୍ୟ ସମ୍ବଳର ପରିଚାଳନା ପାଇଁ ବ୍ୟବସ୍ଥା କରିବା ତଥା ଗୋଶାଳା ଓ ଦୁଗ୍‌ଧଜାତ ସାମଗ୍ରୀର ବିପଣନ କନ୍ଦ୍ର ସ୍ଥାପନା କରିବା।

(ଜି) ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ଦାଉରୁ ସୁରକ୍ଷା ଦେବା ।

(ଏଚ୍) ସର୍ବସାଧାରଣ ସ୍ଥାନରେ ପୁସ୍ତାକାଗାର ଓ ଅଧ୍ୟୟନ ପ୍ରକୋଷ୍ଠର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ତଥା ସଂଗୀତ ଏବଂ ଅନ୍ୟାନ୍ୟ ମନୋରଞ୍ଜନ ପାଇଁ ବ୍ୟବସ୍ଥା କରିବା ।

(ଆଇ) ଅଗ୍ନିଶମ ସେବାର ପ୍ରତିଷ୍ଠା ତଥା ଅଗ୍ନି ଦାଉରୁ ଧନଜୀବନକୁ ରକ୍ଷା କରିବା ।

(ଜେ) ମହିଳା ଓ ଶିଶୁ ମଙ୍ଗଳ ଏବଂ ସେହି ଉଦ୍ଦେଶ୍ୟରେ କେନ୍ଦ୍ରମାନ ସ୍ଥାପନା କରିବା ।

(କେ) କ୍ରିଡା, କୌତୁକ ଓ ଅନ୍ୟାନ୍ୟ ଧରଣର ଆମୋଦପ୍ରମୋଦ ପାଇଁ ଆଖଡା, କ୍ଲବ୍ ଏବଂ ପ୍ରମୋଦଶାଳାର ସ୍ଥାପନା ଓ ରକ୍ଷଣାବେକ୍ଷଣ ।

(ଏଲ୍) ନୌକା ଘାଟ, ଖରାଦିନିଆ ରାସ୍ତା ଓ କାଞ୍ଜିଆହୋଦାର ସ୍ଥାପନା ଓ ରକ୍ଷଣାବେକ୍ଷଣ ତଥା ସେଗୁଡିକ ସୂତ୍ରରୁ ଫିସ୍ ଆଦାୟ ।

(ଏମ୍) ଅନାଟନ ସମୟରେ କାମ ଯୋଗାଇଦେବା ସକାଶେ ବିଭିନ୍ନ କାର୍ଯ୍ୟକ୍ରମର ଆରମ୍ଭ ଏବଂ ରକ୍ଷଣାବେକ୍ଷଣ କରିବା ତଥା ଶସ୍ୟଭଣ୍ଡାର ସ୍ଥାପନା କରିବା ।

(ଏନ୍) କୁଟୀର ଶିଳ୍ପର ସ୍ଥାପନା, ପରିଚାଳନା ଓ ପ୍ରୋତ୍ସାହନ ତଥା ବ୍ୟବସାୟ କେନ୍ଦ୍ର ଓ ଅନ୍ୟାନ୍ୟ ଲାଭଜନକ ସ୍କିମ୍ ଚାଲୁ କରିବା ।

(ଓ) ଧର୍ମଶାଳା ଓ ବିଶ୍ରାମସ୍ଥଳର ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(ପି) ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଦି କୃଷି କିମ୍ବା ଶିଳ୍ପ ଉପରେ ପ୍ରଦର୍ଶନୀ ପରିଚାଳିତ ହେଉନଥାଏ ତେବେ ସେଗୁଡିକୁ ଆୟୋଜନ ଓ ରକ୍ଷଣାବେକ୍ଷଣ କରିବା ।

(କ୍ୟୁ) ବେକାରୀ ସମସ୍ୟା ଉପରେ ପରିସଂଖ୍ୟାନ ସଂଗ୍ରହ କରିବା ।

(ଆର୍) ସର୍ବସାଧାରଣଙ୍କୁ ଟୀକାଦାନ ବ୍ୟବସ୍ଥା ।

(ଏସ୍) ଅପମିଶ୍ରିତ ଏବଂ ଅନିଷ୍ଟକର ଖାଦ୍ୟପଦାର୍ଥର ଅପସାରଣ ବିଷୟ ଉପରେ ନିୟନ୍ତ୍ରଣ ରଖିବା ତଥା ବଳବତ୍ତର ଥିବା କୌଣସି ଆଇନ୍ ଅଧୀନରେ ଯଥୋଚିତ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ରିପୋର୍ଟ ଦେବା ।

(ଟି) ଅନ୍ୟ ଗ୍ରା.ପ.ସହ ମିଳି ଭାବେ ଅଥବା ସଂପୃକ୍ତ ପଞ୍ଚାୟତ ସମିତିର ପୂର୍ବ ଅନୁମତି ନେଇ ପ୍ରୌଢ଼ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନା କରିବା ।

(ୟୁ) ଗୋଟିଏ ଗ୍ରାମ ସ୍ୱେଚ୍ଛାସେବକ ଗୋଷ୍ଠୀ ଗଢିବା, ଯାହାର କାର୍ଯ୍ୟ ହେବ ବିଭିନ୍ନ ସାମାଜିକ ସେବା କ୍ଷେତ୍ରରେ ଗ୍ରାମ ପଞ୍ଚାୟତକୁ ସାହାଯ୍ୟ କରିବା, ଯଥା ନିଆଁ ଲିଭାଇବା, ନିଆଁ ବା ବଢିପାଣି ଦାଉରୁ

ଧନଜୀବନକୁ ରକ୍ଷା କରିବା, ବା ଶବସଂସ୍କାର କରିବା । ପୁଣି ରାଜ୍ୟ ସରକାର ମଧ୍ୟ ଏଭଳି କିଛି ସାମାଜିକ ସେବା ସମୟାନ୍ତରରେ ଘୋଷଣା କରିପାରନ୍ତି ।

(ଭି) ଜୁଆଖେଳ ଏବଂ ମଦ୍ୟପାନର ନିବାରଣ ପାଇଁ କାର୍ଯ୍ୟକ୍ରମ ।

(ଡବ୍ଲ୍ୟୁ) ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ଜମି ଉପରେ କୃଷିକାର୍ଯ୍ୟ ପାଇଁ ନିର୍ମିତ ବନ୍ଧବାଡର ରକ୍ଷଣାବେକ୍ଷଣ ଏବଂ ସେପରି ଜମିରେ ନୂଆ ବନ୍ଧବାଡ ନିର୍ମାଣ କରିବା ।

(ଏକ୍ସ) ଯେଉଁ କାର୍ଯ୍ୟ ବାବଦରେ ଗ୍ରାମପାଣ୍ଠିରୁ ଖର୍ଚ୍ଚକରିବା ଯଥାର୍ଥ ବୋଲି ରାଜ୍ୟ ସରକାର ଘୋଷଣା କରିବେ, ସେପରି କାର୍ଯ୍ୟ ହାତକୁ ନେବା ।

(ଓ୍ୱାଇ) ଉପରଲିଖିତ କାର୍ଯ୍ୟାବଳୀ ଛଡା ଯେଉଁ କାର୍ଯ୍ୟ ଫଳରେ ସର୍ବସାଧାରଣ ନିରାପତ୍ତା, ସ୍ୱାସ୍ଥ୍ୟ, ସୁବିଧା ତଥା ସାଧାରଣ କଲ୍ୟାଣ ଘଟିପାରିବ, ସେଭଳି କାର୍ଯ୍ୟକୁ ହାତକୁ ନେବା ।

**୨.୫ କାର୍ଯ୍ୟାବଳୀ ସମ୍ପାଦନରେ ଗ୍ରାମପଞ୍ଚାୟତର ସୀମାବଦ୍ଧତା-**

ଗ୍ରାମ ପଞ୍ଚାୟତ ଉପରେ ବହୁ ବାଧ୍ୟତାମୂଳକ ଏବଂ ଇଚ୍ଛାଧୀନ କାର୍ଯ୍ୟାବଳୀ ସମ୍ପାଦନ ପାଇଁ କ୍ଷମତା ନ୍ୟସ୍ତ ହୋଇଥିଲେ ହେଁ, ଓ.ଗ୍ରା.ପ. ଆଇନ୍‌ର ଧାରା ୪୬ ଅନୁଯାୟୀ ଯଦି କୌଣସି ବିଷୟ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ବା କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ପରିଚାଳିତ ହେଉଥାଏ, ତେବେ ଯଥାସ୍ଥିତି ସଂପୃକ୍ତ କର୍ତ୍ତୃପକ୍ଷ ଉକ୍ତ ବିଷୟରେ କ୍ଷମତା ଅର୍ପଣ ନ କରିଥିଲେ ଗ୍ରାମ ପଞ୍ଚାୟତ ସେ ବିଷୟରେ କୌଣସି କ୍ଷମତା ପ୍ରୟୋଗ କରିପାରିବ ନାହିଁ ।

**୨.୫ ଗ୍ରାମର ସମ୍ପତ୍ତି ଓ ପାଣ୍ଠି ଉପରେ ଗ୍ରାମଶାସନର କ୍ଷମତା-**

୨.୫.୧ ଓ.ଗ୍ରା.ପ. ଆଇନ୍‌ର ଧାରା ୯୭(୧)ରେ ଗ୍ରାମଶାସନର ଆର୍ଥିକ କ୍ଷମତାର ପରିସରକୁ ବର୍ଣ୍ଣନା କରାଯାଇ କୁହାଯାଇଛି ଯେ, ଗୋଟିଏ ଗ୍ରାମଶାସନର ସମ୍ବଳର ମୂଳତଃ ତିନୋଟି ଉତ୍ସ ଅଛି, ଯଥା-

- ଗ୍ରାମଶାସନକୁ ନ୍ୟସ୍ତ ହୋଇଥିବା ସମ୍ପତ୍ତିସମୂହ ;
- ଉକ୍ତ ଆଇନ୍ ବଳରେ ଗ୍ରାମଶାସନକୁ ମିଳୁଥିବା ସମସ୍ତ ପାଣ୍ଠି ; ଏବଂ
- ଅନ୍ୟ କୌଣସି ବଳବତ୍ତର ଆଇନ୍ ବଳରେ ଗ୍ରାମଶାସନକୁ ମିଳୁଥିବା ସମସ୍ତ ଅର୍ଥରାଶି ।

ଉକ୍ତ ବ୍ୟବସ୍ଥାରେ ପୁଣି କୁହାଯାଇଛି ଯେ, ଏହି ସମସ୍ତ ସମ୍ବଳ ଗ୍ରାମ ଉଦ୍ଦେଶ୍ୟରେ ଏହି ଆଇନ୍ ଏବଂ ଏହାର ନିୟମାବଳୀ ଅନୁଯାୟୀ ବିନିଯୋଗ ହେବ ।

୨.୫.୨ କିନ୍ତୁ ଧାରା୯୭(୨)ଅନୁସାରେ ଜିଲ୍ଲାପାଳଙ୍କ ପୂର୍ବ ଅନୁମୋଦନ ବିନା ତଥା ନିୟମାବଳୀର ଅନୁପାଳନ ନକରି ଗ୍ରାମପଞ୍ଚାୟତ ନିମ୍ନଲିଖିତ ବାବଦରେ ଗ୍ରାମପାଣ୍ଠିରୁ ଖର୍ଚ୍ଚ କରିପାରିବ-

- ଅନ୍ୟ କୌଣସି ସ୍ଥାନୀୟ ସଂସ୍ଥା ଦ୍ୱାରା ବା ଅନ୍ୟ କୌଣସି ସର୍ବସାଧାରଣ ପାଣ୍ଠିରୁ ଗ୍ରାମବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ବା ସୁବିଧା ପାଇଁ ଯଦି ଅର୍ଥବ୍ୟୟ କରାଯାଉଥାଏ, ସେଥି ପ୍ରତି ଅର୍ଥଦାନ ;
- ଗ୍ରାମର ପରିସୀମା ବାହାରେ ପାଠ ପଢୁଥିବା ଏକ ଛାତ୍ର ପାଇଁ ସ୍କଲରସିପ୍ ବା ବୃତ୍ତି ବ୍ୟବସ୍ଥା କରିବା; ଏବଂ
- ଗ୍ରାମବାସୀ ମାନଙ୍କର ସାଂସ୍କୃତିକ ଏବଂ ଆର୍ଥିକ ଉନ୍ନତି ବିଧାନ ପାଇଁ ଗ୍ରାମର ଇଲାକା ଭିତରେ ବା ବାହାରେ କାର୍ଯ୍ୟକାରୀ ହେଉଥିବା କୌଣସି କାର୍ଯ୍ୟକ୍ରମ ପ୍ରତି ଅର୍ଥଦାନ କରିବା ।

## ୨.୬ ଗ୍ରାମପାଣ୍ଠିର ନ୍ୟସ୍ତୀକରଣ, ତତ୍ତ୍ୱାବଧାନ ଏବଂ ଲଗାଣ (ଧାରା ୯୪):

- ଗ୍ରାମପାଣ୍ଠି ଗ୍ରାମଶାସନ ଉପରେ ନ୍ୟସ୍ତ ରହିବ । ଗ୍ରାମପାଣ୍ଠିକୁ ଗ୍ରାମପଞ୍ଚାୟତ ନାମରେ ନିକଟତମ ସେଭିଂସ୍ ବ୍ୟାଙ୍କ ବା ଡାକଘରେ ଜମା ରଖାଯିବ । ଯଦି ଡାକଘର ଠାରୁ କମ୍ ଦୂରରେ ଏକ ଟ୍ରେଜେରୀ ବା ସବ୍-ଟ୍ରେଜେରୀ ଅବସ୍ଥିତ ଥାଏ, ତେବେ ଗ୍ରାମପାଣ୍ଠିର ଏକ ଲେଜର୍ ସେଠାରେ ଖୋଲାଯାଇ ପାରିବ । ଏହାଛଡା ଗ୍ରାମପାଣ୍ଠିର କୌଣସି ଏକ ଭାଗକୁ ଗ୍ରାମପଞ୍ଚାୟତ ସମବାୟ ସମିତିସମୂହର ନିବନ୍ଧକଙ୍କ ଅନୁମୋଦନ କ୍ରମେ କୌଣସି ଏକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ରେ ଜମା ରଖିପାରନ୍ତି ।

- ଗ୍ରାମପଞ୍ଚାୟତ ଗ୍ରାମପାଣ୍ଠିର ବଳକା ଅର୍ଥକୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରତିଭୂତି (ସିକ୍ୟୁରିଟି)ରେ ଖଟାଇ ପାରିବେ ତଥା ସମବାୟ ସମିତିସମୂହର ନିବନ୍ଧକଙ୍କ ଅନୁମୋଦନ କ୍ରମେ ସମବାୟ ସମିତିଙ୍କ ନିକଟରେ ଜମା ରଖି ପାରିବେ । ଏହାଛଡା ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଗ୍ରାମପଞ୍ଚାୟତ ଗ୍ରାମ ପାଣ୍ଠିର ବଳକା ଅର୍ଥରେ ସରକାରଙ୍କ ଦ୍ୱାରା ସ୍ୱୀକୃତ କୌଣସି ଶସ୍ୟାଗାର ସଂସ୍ଥାର ପ୍ରତିଭୂତି ବା ଅନ୍ୟ କୌଣସି ସରକାରୀ ସଂସ୍ଥା ବା ସରକାରୀ କମ୍ପାନୀର ପ୍ରତିଭୂତି କିଣି ପାରିବ ।

## ୨.୭ ଗ୍ରାମପାଣ୍ଠିର ପରିଚାଳନା:

ଓଡିଶା ଗ୍ରାମପଞ୍ଚାୟତ ନିୟମାବଳୀ ୧୯୬୮ର ନିୟମ ୧୦୧(ବି) ଅନୁସାରେ ଗ୍ରାମପାଣ୍ଠିରେ ଅର୍ଥଜମା ଏବଂ ଗ୍ରାମପାଣ୍ଠିରୁ ଅର୍ଥଉଠାଣକୁ କେନ୍ଦ୍ର କରି ସମସ୍ତ କାରବାର ସରପଞ୍ଚ ଓ ସଂପାଦକଙ୍କ ଦ୍ୱାରା ଯୁଗ୍ମ ଭାବେ ପରିଚାଳିତ ହେବ । ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ଏବଂ ସଂପାଦକଙ୍କ ଦ୍ୱାରା ଯୁଗ୍ମ ଭାବେ ପରିଚାଳିତ ହେବ । ନିୟମ ୧୦୧(ସି) ଅନୁଯାୟୀ ସଂପାଦକଙ୍କ ହେପାଜତ୍‌ରେ ଥିବା ବଳକା ଅର୍ଥ ଏବଂ ମୂଲ୍ୟବାନ ପ୍ରତିଭୂତି ତଥା ସରପଞ୍ଚଙ୍କ ହେପାଜତ୍‌ରେ ଥିବା ଅନୁମୋଦନୀୟ ନଗଦ ଅର୍ଥକୁ ସାଇତା ପାଇଁ ପରସ୍ପର ଠାରୁ ଭିନ୍ନ ହୋଇଥିବା ଦୁଇ ହଳ ତାଲା-ଚାବି ବ୍ୟବହାର କରାଯିବ । ଗୋଟିଏ ହଳ ସରପଞ୍ଚଙ୍କ ପାଖରେ ରହିବା ବେଳେ ଅନ୍ୟ ହଳଟି ସଂପାଦକଙ୍କ ପାଖରେ ରହିବ ।

## ୨.୮ କେଉଁସବୁ ଉଦ୍ଦେଶ୍ୟରେ ଅଗ୍ରାଧିକାର ଭିତ୍ତିରେ ଗ୍ରାମ-ପାଣ୍ଠିରୁ ବ୍ୟୟ କରାଯିବ ?

ଓଡିଶା ଗ୍ରାମପଞ୍ଚାୟତ ଆଇନ୍‌ର ଧାରା ୯୬ ଅନୁଯାୟୀ ଗ୍ରାମପଞ୍ଚାୟତ ପ୍ରତିବର୍ଷ ଗ୍ରାମପାଣ୍ଠିରୁ ନିମ୍ନୋକ୍ତ ବ୍ୟୟ ପାଇଁ ଆଗତୁରା ବ୍ୟବସ୍ଥା କରିବ-

**(ଏ)** ଋଣ ଟଙ୍କାର ମୂଳ ଓ ସୁଧ ପରିଶୋଧ ।

**(ବି)** ଆଇନ୍ ଅନୁସାରେ ଗ୍ରାମଶାସନ ଉପରେ ନ୍ୟସ୍ତ କରାଯାଇଥିବା କୌଣସି ଦାୟଦାୟିତ୍ୱ ମେଣ୍ଟାଇବା ବାବଦକୁ ଆବଶ୍ୟକ ଅର୍ଥରାଶି ।

**(ସି)** ଗ୍ରାମଶାସନର କାର୍ଯ୍ୟାଳୟ ବ୍ୟୟ, ଯଥା କର୍ମଚାରୀଙ୍କ ବେତନ ଓ ଭତ୍ତା ତଥା ଅନ୍ୟାନ୍ୟ ବ୍ୟୟ ।

**(ଡି)** ଗ୍ରାମଶାସନ ଯେଉଁସବୁ ସେବା-ପରିଚାଳନା ନିଜ ହାତକୁ ନେଉଥିବ, ତାହାର ରକ୍ଷଣାବେକ୍ଷଣ ବ୍ୟୟ ।

**(ଇ)** ନିର୍ବାଚନ ପରିଚାଳନା ବାବଦ ବ୍ୟୟ । ଅବଶ୍ୟ ରାଜ୍ୟ ସରକାର ଏ ବାବଦରେ କେତେକ ରିହାତି ଦେଇପାରନ୍ତି, ଯାହା ଫଳରେ ଗ୍ରାମଶାସନ ପକ୍ଷେ ନିର୍ବାଚନ ପରିଚାଳନା ବାବଦରେ କମ୍ ବ୍ୟୟ କରିବାକୁ ପଡିପାରେ ।

ଏଠାରେ ଉଲ୍ଲେଖନୀୟ ଯେ, ଗ୍ରାମପାଣ୍ଠିକୁ ଯଦି ଆମେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଏକତ୍ରୀଭୂତ ପାଣ୍ଠି (କନ୍‌ସୋଲିଡେଟେଡ୍ ଫଣ୍ଡ) ଭଳି ବିଚାର କରୁ, ତେବେ ଧାରା ୯୬ ଅଧୀନସ୍ଥ ଅଗ୍ରାଧିକାର ବ୍ୟୟଗୁଡିକ ଅଧିଭାରିତ (ଚାର୍ଯଡ୍ ) ବ୍ୟୟ ସହିତ ତୁଳନୀୟ ଏବଂ ଏହାକୁ ଛାଡି ଅନ୍ୟ ବ୍ୟୟ ଗୁଡିକୁ ଅନ୍ୟାନ୍ୟ (ଅଦର୍)ବ୍ୟୟ ବୋଲି ବିବେଚନା କରିହେବ । ଏଠାରେ ଆଉ ଏକ ପ୍ରକାର ବିଭାଗୀକରଣ ସମ୍ବନ୍ଧରେ ସୂଚନା ଦେବା ସମୀଚୀନ ମନେ ହୁଏ, ତାହା ହେଲା ଅନୁବନ୍ଧୀତ ବା ଟାଏଡ୍ ପାଣ୍ଠି ଏବଂ ଅଣ-ଅନୁବନ୍ଧୀତ ବା ଅନ-ଟାଏଡ୍ ପାଣ୍ଠି । ଯଦି ନିର୍ଦ୍ଦିଷ୍ଟ କୌଣସି ଉଦ୍ଦେଶ୍ୟରେ ଋଣ, ଦାନ, ଅନୁଦାନ ବା ମଞ୍ଜୁରି ମିଳିଥିବ, ତେବେ ତାହା ହେଉଛି ଏକ ଟାଏଡ୍ ଫଣ୍ଡ ବା ଅନୁବନ୍ଧୀତ ପାଣ୍ଠି ଯାହାକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟୟ କରାଯାଇ ପାରିବ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ଏନ୍.ଆର୍.ଇ.ଜି.ଏ. ପାଇଁ ମିଳିଥିବା ପାଣ୍ଠିରୁ ଗ୍ରାମ ପଞ୍ଚାୟତର କର୍ମଚାରୀଙ୍କ ଦରମା ଦିଆଯାଇ ପାରିବ ନାହିଁ ।

## ୨.୯ ଗ୍ରାମଶାସନ ସଂପତ୍ତିର ପରିଚାଳନା :

ଆଇନ୍‌ର **ଧାରା ୭୧** ଅନୁସାରେ ଅନ୍ୟ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ବା ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ସମ୍ପତ୍ତିସମୂହକୁ ବାଦ୍ ଦେଲେ ଗ୍ରାମ ଭିତରେ ଅବସ୍ଥିତ ଥିବା ଅନ୍ୟ ସମସ୍ତ ସମ୍ପତ୍ତି ଗ୍ରାମଶାସନ ଉପରେ ନ୍ୟସ୍ତ ରହିବ ତଥା ଏହାର ନିର୍ଦ୍ଦେଶନା, ନିୟନ୍ତ୍ରଣ ଓ ପରିଚାଳନା ଅନୁଯାୟୀ ଅନୁରକ୍ଷିତ ହେବ । ସଂକ୍ଷେପରେ କହିଲେ, ଗ୍ରାମଶାସନର ସମ୍ପତ୍ତି କହିଲେ ନିମ୍ନୋକ୍ତ ସମ୍ପତ୍ତିଗୁଡିକୁ ବୁଝାଇବ-

- ସମସ୍ତ ସର୍ବସାଧାରଣ ଜଳନିଷ୍କାସନ ଏବଂ ମଳ ପରିଚାଳନା ପାଇଁ ନିର୍ମିତ ବ୍ୟବସ୍ଥାମାନ;
- ସମସ୍ତ ନର୍ଦ୍ଦମା, ମଇଳା ଓ ଦୁର୍ଗନ୍ଧକର ବସ୍ତୁ, ଯାହାକି ରାସ୍ତାରେ ଜମା ହୋଇଥାଏ ବା ପାଇଖାନା, ମୂତ୍ରାଶୟ ଇତ୍ୟାଦିରୁ ବୁହା ହୋଇ ଆସିଥାଏ;
- ସର୍ବସାଧାରଣ ସ୍ଥାନରେ ଯୋଗାଇଦିଆଯାଇଥିବା ଆଲୋକ ବ୍ୟବସ୍ଥା ; ତଥା
- ଗ୍ରାମଶାସନ ଦ୍ୱାରା ନିର୍ମିତ କୌଣସି ଘର ବା ନିର୍ମାଣ କାର୍ଯ୍ୟ, ବା ଏହାକୁ ହସ୍ତାନ୍ତରିତ ହୋଇଥିବା ଅଥବା ଦାନ, କ୍ରୟ ବା ଅନ୍ୟ କୌଣସି ସୂତ୍ରରେ ମିଳିଥିବା ସମସ୍ତ ଜମି, ଘର ଏବଂ ଅନ୍ୟାନ୍ୟ ନିର୍ମାଣ-କାର୍ଯ୍ୟ, ଯାହାକି ସ୍ଥାନୀୟ ସର୍ବସାଧାରଣଙ୍କ ହିତରେ ପରିଚାଳିତ ହେଉଥାଏ ।

କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟ ସରକାର ନିଜର ସାଧାରଣ ବା ବିଶେଷ ଆଦେଶ ବଳରେ ଗ୍ରାମଶାସନର ନିୟନ୍ତ୍ରଣ ପରିସର ମଧ୍ୟରୁ ଉପରେ ସୂଚୀତ ଯେ କୌଣସି ସଂପତ୍ତିକୁ ବିଚ୍ଛିନ୍ନ କରିଦେଇ ପାରନ୍ତି । ସେହିପରି ରାଜ୍ୟ ସରକାର ମଧ୍ୟ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଅଥଚ ଗ୍ରାମଶାସନର ପରିସର ଭିତରେ ଅବସ୍ଥିତ ଥିବା କୌଣସି ସମ୍ପତ୍ତିକୁ ଗ୍ରାମଶାସନକୁ ନ୍ୟସ୍ତ କରିପାରନ୍ତି ଏବଂ ଗ୍ରାମଶାସନ ଦ୍ୱାରା ରକ୍ଷଣାବେକ୍ଷଣ ଓ ପରିଚାଳିତ ହେବ ବୋଲି ବିହିତ କରି ପାରନ୍ତି ।

## ୨.୧୦ ଗ୍ରାମଶାସନ ପାଇଁ ଜମିଗ୍ରହଣ (ଧାରା ୭୪)-

- ଯେଉଁ ଜମି ସର୍ବସାଧାରଣଙ୍କ ସ୍ୱାର୍ଥରେ ଆବଶ୍ୟକ ପଡିପାରେ, ସେପରି ଜମିର ମାଲିକଙ୍କ ସହ ଆପୋଷ ଆଲୋଚନା କରି ଗ୍ରାମଶାସନ ତାହାକୁ ଅଧିଗ୍ରହଣ କରିପାରିବ । କିନ୍ତୁ ଅଧିଗ୍ରହଣ ପୂର୍ବରୁ ଜିଲ୍ଲାପାଳଙ୍କ ଅନୁମୋଦନ ନିଆସରିଥିବ ।

- ଯଦି ଉଭୟ ପକ୍ଷ ଆପୋଷ ବୁଝାମଣାରେ ପହଞ୍ଚି ନପାରିଲେ ତେବେ ଏକ ନିର୍ଦ୍ଧାରିତ ଫର୍ମରେ ଓ ନିର୍ଦ୍ଧାରିତ ପ୍ରଣାଳୀରେ ଗ୍ରାମଶାସନ ଜିଲ୍ଲାପାଳଙ୍କ ନିକଟରେ ସେହି ଜମିର ଅଧିଗ୍ରହଣ ପାଇଁ ଆବେଦନ କରି ପାରିବେ ।

- ଯଦି ଜିଲ୍ଲାପାଳ ଉକ୍ତ ଆବେଦନର ଯଥାର୍ଥତା ହୃଦ୍‌ବୋଧ କରନ୍ତି ତେବେ ସେ ସଂପୃକ୍ତ ଜମିର ଅଧିଗ୍ରହଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

- ସଂପୃକ୍ତ ସଂପତ୍ତିର ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ ଓ ଜମି ଅଧିଗ୍ରହଣ ପରେ ଗ୍ରାମଶାସନ ଠାରେ ଉକ୍ତ ସଂପତ୍ତିର ସତ୍ୱ ନ୍ୟସ୍ତହେବ ।

**୨.୧୧ ଗ୍ରାମଶାସନକୁ ସରକାରୀ ସମ୍ପତ୍ତିର ନ୍ୟସ୍ତୀକରଣ ଉପରେ ସ୍ୱତନ୍ତ୍ର ଆଇନ୍ –**

ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା କେତେକ ସମ୍ପତ୍ତି, ଯଥା ବଗିଚା, ପୋଖରୀ ଏବଂ ଗଛବୃକ୍ଷର ଉତ୍ତମ ନିୟନ୍ତ୍ରଣ, ପରିଚଳନା ଓ ବିନିଯୋଗ ଉଦ୍ଦେଶ୍ୟରେ ସେଗୁଡିକୁ ଗ୍ରାମଶାସନକୁ ନ୍ୟସ୍ତୀକରଣ ପାଇଁ ଓଡିଶା (ଗ୍ରାମଶାସନକୁ)ସମ୍ପତ୍ତି ନ୍ୟସ୍ତୀକରଣ ଆଇନ୍ ୧୯୬୪ ଏବଂ ନିୟମାବଳୀ ୧୯୬୫ ପ୍ରଣୟନ କରାଯାଇଛି । ଏହି ଆଇନ୍‌ର ଧାରା ୩(୧) ଅନୁଯାୟୀ ଜିଲ୍ଲାପାଳ ବିଜ୍ଞପ୍ତି ଜରିଆରେ ଏପ୍ରକାର ନ୍ୟସ୍ତୀକରଣ ଘୋଷଣା କରିପାରନ୍ତି । କିନ୍ତୁ ଯଦି ସେହି ସମ୍ପତ୍ତିରେ କୌଣସି ଜନଗୋଷ୍ଠୀଙ୍କର କିଛି ଅଧିକାର ଥାଏ, ତେବେ ଏ ପ୍ରକାର ନ୍ୟସ୍ତୀକରଣ କରାଯାଇ ପାରିବ କେବଳ ଗୋଟିଏ ସର୍ତ୍ତ ପୂରଣ ଦ୍ୱାରା; ତାହା ହେଉଛି ଯଦି ଗ୍ରାମପଞ୍ଚାୟତର ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ବଳରେ ପ୍ରସ୍ତାବିତ ନ୍ୟସ୍ତୀକରଣକୁ ଅନୁମୋଦନ କରାଯାଇଥିବ । ଧାରା ୩(୨) ଅନୁଯାୟୀ ଜିଲ୍ଲାପାଳଙ୍କ ଏତାଦୃଶ ବିଜ୍ଞପ୍ତି ବଳରେ ଉକ୍ତ ସଂପତ୍ତି ଉପରେ ଗ୍ରାମର ସଂପୃକ୍ତ ଜନଗୋଷ୍ଠୀଙ୍କର ସତ୍ତ୍ୱାଧିକାର ବିଲୁପ୍ତ ହେବ କିନ୍ତୁ ସେମାନଙ୍କର ପାରମ୍ପରିକ ବ୍ୟବହାରର ଅଧିକାର ବଜାୟ ରହିବ । ଧାରା ୫ ଅନୁଯାୟୀ ନ୍ୟସ୍ତୀକରଣ ହୋଇଥିବା ସମ୍ପତ୍ତିରୁ ମିଳୁଥିବା ସମସ୍ତ ଆୟ ଗ୍ରାମ ପାଣ୍ଠିରେ ଜମା ହେବ । ଧାରା ୭ ଅନୁଯାୟୀ ଯଦି ଗ୍ରାମଶାସନ ଉକ୍ତ ସମ୍ପତ୍ତିର ସୁପରିଚାଳନା କରିବାରେ ବିଫଳ ହୁଏ, ତେବେ ରାହା ପୁଣି ରାଜ୍ୟ ସରକାରଙ୍କ ନିକଟକୁ ଫେରି ଆସିପାରିବ ଏବଂ ସଂପତ୍ତିର ଆୟ ଗ୍ରାମପାଣ୍ଠି ବଦଳରେ ସରକାରଙ୍କ ରାଜକୋଷକୁ ଯିବ । ଧାରା ୪ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକାଶିତ ସଂପତ୍ତି ନ୍ୟସ୍ତୀକରଣ ବିଜ୍ଞପ୍ତି ଦ୍ୱାରା ବ୍ୟଥିତ ହୁଅନ୍ତି, ତେବେ ସେ ପର୍ଯ୍ୟାପ୍ତ କ୍ଷତିପୂରଣ ଦାବୀ କରି ଉପଜିଲ୍ଲାପାଳଙ୍କ ନିକଟରେ ଏକ ଅପିଲ୍ ଦାଖଲ କରିବେ ଏବଂ ସଂପୃକ୍ତ କ୍ଷତିପୂରଣ ଅଧିକାରୀ ଉଭୟ ପକ୍ଷଙ୍କୁ ଶୁଣାଣି କରି ଆବେଦକଙ୍କୁ ଉପଯୁକ୍ତ କ୍ଷତିପୂରଣ ମଞ୍ଜୁର କରିପାରନ୍ତି । ଉକ୍ତ ଆଇନ୍ ଅଧୀନରେ ନିୟମାବଳୀ ୧୯୬୫ ବିଜ୍ଞପ୍ତି କରାଯାଇଛି, ଯେଉଁଥିରେ ୪ଟି ଫର୍ମ ବିହିତ ହୋଇଛି, ଯଥା, ଫର୍ମ-ଏ (ନ୍ୟସ୍ତୀକରଣ ପାଇଁ ନୋଟିସ୍), ଫର୍ମ-ବି (କ୍ଷତିପୂରଣ ଅଧିକାରୀଙ୍କୁ ଆବେଦନ), ଫର୍ମ-ସି (ନ୍ୟସ୍ତିକୃତ ସମ୍ପତ୍ତିରୁ ବାର୍ଷିକ ଦାବୀ ଓ ଆଦାୟ ରେଜିଷ୍ଟର୍) ଏବଂ ଫର୍ମ-ଡି (ନ୍ୟସ୍ତିକୃତ ସମ୍ପତ୍ତିରୁ ବାର୍ଷିକ ଆୟ ଓ ବ୍ୟୟ ରେଜିଷ୍ଟର୍) ।

## ୨.୧୨ ଗ୍ରାମଶାସନର ସ୍ଥାବର (ଅଚଳନ୍ତି) ସଂପତ୍ତିର ହସ୍ତାନ୍ତର:

୨.୧୨.୧ ଓଡିଶା ଗ୍ରା.ପ. ନିୟମାବଳୀ ୧୯୬୮ର ନିୟମ ୮୬ ଅନୁଯାୟୀ ଗ୍ରାମଶାସନର କୌଣସି ସ୍ଥାବର (ଅ-ଚଳନ୍ତି) ସମ୍ପତ୍ତି ରାଜ୍ୟ ସରକାରଙ୍କର ବିନା ଅନୁମତିରେ ବିକ୍ରୟ, ଦାନ, ବନ୍ଧକ ବା ବିନିମୟ ସୂତ୍ରରେ ହସ୍ତାନ୍ତର ହୋଇପାରିବ ନାହିଁ । କିନ୍ତୁ ରାଜ୍ୟ ସରକାର ଆବଶ୍ୟକ ସ୍ଥଳେ ଏକ ସମବାୟ ସମିତିକୁ ଏହି ସମ୍ପତ୍ତିର ଲିଜ୍ ଦେବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ।

୨.୧୨.୨ ନିୟମ ୯୦ ଅନୁଯାୟୀ ଗ୍ରାମଶାସନରେ ନ୍ୟସ୍ତ ଥିବା କୌଣସି ସ୍ଥାବର ସମ୍ପତ୍ତିର ହସ୍ତାନ୍ତର ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବ, ଯେଉଁଥିରେ ସରପଞ୍ଚ ଏବଂ ପଞ୍ଚାୟତର ଆଉ ଦୁଇଜଣ ସଭ୍ୟ ସ୍ୱାକ୍ଷର କରିଥିବେ । ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ମତେ ଏହି ଚୁକ୍ତିନାମା ସଂପାଦନ କରାଯାଉଛି ବୋଲି ସେଥିରେ ସ୍ପଷ୍ଟ ଭାବେ ଦର୍ଶିତ ହୋଇଥିବ ।

୨.୧୨.୩ ନିୟମ ୯୪ ଅନୁଯାୟୀ ଗ୍ରାମପଞ୍ଚାୟତ ଗ୍ରାମଶାସନର ସମସ୍ତ ସ୍ଥାବର ସମ୍ପତ୍ତିର ଲିଜ୍ ଓ ହସ୍ତାନ୍ତର ସମ୍ବନ୍ଧରେ ଏକ ରେଜିଷ୍ଟର୍ ଫର୍ମ-୨୦ ଅନୁଯାୟୀ ରକ୍ଷଣାବେକ୍ଷଣ କରିବେ ଏବଂ ନିୟମ ୯୫ ଅନୁଯାୟୀ ସରପଞ୍ଚ ଏହି ରେଜିଷ୍ଟର୍‌କୁ ବର୍ଷକୁ ଥରେ ଯାଞ୍ଚ କରିବେ ।

## ୨.୧୩ ଗ୍ରାମଶାସନର ଅସ୍ଥାବର (ଚଳନ୍ତି) ସମ୍ପତ୍ତିର ହସ୍ତାନ୍ତର-

ନିୟମ ୮୯ ଅନୁଯାୟୀ ଗ୍ରାମପଞ୍ଚାୟତ ନିଜର ଏକ ବୈଠକରେ ପ୍ରସ୍ତାବ ଗ୍ରହଣ କରିବା ମତେ ଯେ କୌଣସି ଅସ୍ଥାବର (ଚଳନ୍ତି) ସମ୍ପତ୍ତିକୁ ନିଜ ବିବେଚନାରେ ଉପଯୁକ୍ତ ମନେ ହେଉଥିବା ସର୍ତ୍ତାବଳୀ ଓ ପଦ୍ଧତି ଭିତ୍ତିରେ ହସ୍ତାନ୍ତର କରିପାରନ୍ତି ।

## ୨.୧୪ ଗ୍ରାମପଞ୍ଚାୟତର ଭଙ୍ଗ ବା ରଦ୍ଦୀକରଣ ପରେ ସମ୍ପତ୍ତିସମୂହ ଓ ଦାୟଦାୟିତ୍ୱର ଭାରାର୍ପଣ-

ଆଇନ୍‌ର ଧାରା ୧୧୮ ଅନୁଯାୟୀ ଯେତେବେଳେ ଧାରା ୧୧୭ ଅନୁସାରେ ରାଜ୍ୟ ସରକାର ଗୋଟିଏ ଗ୍ରାମପଞ୍ଚାୟତକୁ ଭଙ୍ଗ ବା ରଦ୍ଦୀକରଣର ଆଦେଶ ଦେବେ, ସେତେବେଳେ ଜିଲ୍ଲାପାଳ ଗ୍ରା.ପ.ର ସମସ୍ତ ସମ୍ପତ୍ତି ଓ ଦାୟଦାୟିତ୍ୱ ପାଇଁ ହକ୍‌ଦାର ରହିବେ । ଗ୍ରାମ ପଞ୍ଚାୟତ ପୁନର୍ଗଠିତ ହେବା ପର୍ଯ୍ୟନ୍ତ ଏହି ସ୍ଥିତି ବଜାୟ ରହିବ । ପୁନର୍ଗଠିତ ଗ୍ରା.ପ.କୁ ଜିଲ୍ଲାପାଳଙ୍କ ଠାରୁ ସେହିସବୁ ସମ୍ପତ୍ତିସମୂହ ଏବଂ ଦାୟଦାୟିତ୍ୱ ପୁଣି ଆପେ ଆପେ ହସ୍ତାନ୍ତରିତ ହୋଇଯିବ ।

## ୨.୧୫ ଗ୍ରାମଶାସନ ସଂପତ୍ତି ଉପରେ ଦାବୀ ସଂପର୍କୀତ ବିବାଦର ମୀମାଂସା-

ଧାରା ୧୪୭ ଅନୁଯାୟୀ ଯଦି ଗ୍ରାମଶାସନର ନିୟନ୍ତ୍ରଣରେ ଥିବା କୌଣସି ସମ୍ପତ୍ତିର ମାଲିକାନା ନେଇ ଗ୍ରାମଶାସନ ଏବଂ କୌଣସି ବ୍ୟକ୍ତି ଭିତରେ ଏକ ବିବାଦ ଉପୁଜେ ତେବେ ଗ୍ରାମ ପଞ୍ଚାୟତ ସଂପୃକ୍ତ ବ୍ୟକ୍ତିଙ୍କର ବୟାନର ଉପଯୁକ୍ତ ଶୁଣାଣି କଲାପରେ ସେହି ବିବାଦର ଫଇସଲା କରିବେ ଏବଂ ଫଇସଲାକୁ ଲିପିବଦ୍ଧ ରୂପ ଦେବେ । ଯଦି କୌଣସି ବ୍ୟକ୍ତି ଏହି ଫଇସଲାରେ ଅସନ୍ତୁଷ୍ଟ ହୁଅନ୍ତି ତେବେ ସେ ଉକ୍ତ ଫଇସଲା ବିରୁଦ୍ଧରେ ବିହିତ କର୍ତ୍ତୃପକ୍ଷଙ୍କଙ୍କ ନିକଟରେ ଅପିଲ୍ କରିପାରିବେ । ଯଦି ପୁଣି ସେ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି ତେବେ ସେହି ନିଷ୍ପତ୍ତିର ୬ ମାସ ଭିତରେ ଉପଯୁକ୍ତ ଅଦାଲତରେ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ କେସ୍ ଦାଏର୍ କରିପାରିବେ । ଅଦାଲତର ନିଷ୍ପତ୍ତି ହିଁ ଚୂଡାନ୍ତ ବିବେଚିତ ହେବ ।

## ୨.୧୬ ଚୁକ୍ତିନାମା ସଂପାଦନର ପ୍ରକ୍ରିୟା-

୨.୧୬.୧ ଆଇନ୍‌ର ଧାରା ୭୭ ଅନୁଯାୟୀ ଗ୍ରାମ ପଞ୍ଚାୟତ ସହିତ ଯେ କୌଣସି ଚୁକ୍ତିନାମାରେ ସରପଞ୍ଚ ସ୍ୱାକ୍ଷର କରିବେ । କିନ୍ତୁ ଯେତିକି ବର୍ଷ ପାଇଁ ଚୁକ୍ତିନାମା କରିବାର କ୍ଷମତା ତାଙ୍କର ରହିଛି, ତା'ଠାରୁ ଅଧିକ ସମୟ ଅବଧି ପାଇଁ ଚୁକ୍ତିନାମା କରିବାକୁ ହେଲେ ତାଙ୍କୁ ବିହିତ କର୍ତ୍ତୃପକ୍ଷଙ୍କ ଠାରୁ ପୂର୍ବରୁ ଅନୁମତି ଓ ମଞ୍ଜୁରି ଆଣିବାକୁ ପଡିବ । ପୁଣି ଯଦି ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ଅର୍ଥରାଶି ପାଇଁ ସରପଞ୍ଚ ଗୋଟିଏ ଚୁକ୍ତିନାମା ସ୍ୱାକ୍ଷର କରିଥାନ୍ତି ଅଥଚ ଏପରି ଚୁକ୍ତିନାମା ସପକ୍ଷରେ ବିହିତ କର୍ତ୍ତୃପକ୍ଷଙ୍କ ଠାରୁ ପୂର୍ବ ଅନୁମତି ଆଣିନଥାନ୍ତି, ତେବେ ଉକ୍ତ ଚୁକ୍ତିନାମା ଆପେ ଆପେ ଅକାମୀ ହୋଇପଡିବ ।

୨.୧୬.୨ ଓ.ଗ୍ରା.ପ. ନିୟମାବଳୀର ନିୟମ ୯୭ ଅନୁଯାୟୀ ଗ୍ରାମ ପଞ୍ଚାୟତ ସ୍ଥାବର ସମ୍ପତ୍ତି ହାସଲ କରିବା ପାଇଁ କୌଣସି ଏକ ଚୁକ୍ତିନାମା ସଂପାଦନ କରିପାରେ, ଯଦି ନିଜର ବାଧ୍ୟତାମୂଳକ କାର୍ଯ୍ୟାବଳୀ ନିର୍ବାହ କରିବା ପାଇଁ ତାହାର ଆବଶ୍ୟକ ଥାଏ ତଥା ସଂପୃକ୍ତ ସମ୍ପତ୍ତିର ମୂଲ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ ହୋଇଥାଏ ।

## ୨.୧୭ ଗ୍ରାମପାଣ୍ଠି ପାଇଁ ଋଣର ପ୍ରକ୍ରିୟା ଓ ସର୍ତ୍ତାବଳୀ-

୨.୧୭.୧ ଓ.ଗ୍ରା.ପ.ଆଇନ୍ ୧୯୬୪ ର ଧାରା ୯୫ ଅନୁଯାୟୀ ଗୋଟିଏ ଗ୍ରାମଶାସନ ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ ତଥା ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀକୁ ମାନି ଗୋଟିଏ ସ୍ଥାନୀୟ କର୍ତ୍ତୃପକ୍ଷ, ରାଜ୍ୟ ସରକାର, ଜଣେ ବ୍ୟକ୍ତିବିଶେଷ ବା ଗୋଟିଏ ପଞ୍ଜୀକୃତ ବା ପଞ୍ଜୀକୃତ ହୋଇନଥିବା ସଂସ୍ଥା ଠାରୁ ଋଣ ଗ୍ରହଣ କରିପାରିବେ । ଉକ୍ତ ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ୧୯୬୮ର ନିୟମ ୧୦୪ ରୁ ୧୧୬ରେ ଗ୍ରା.ପ. ଦ୍ୱାରା ଋଣ ପାଇଁ ଆବେଦନ ଠାରୁ ଏହାର ପରିଶୋଧ ପର୍ଯ୍ୟନ୍ତ ତଥା ତତ୍ ସଂକ୍ରାନ୍ତ ସର୍ତ୍ତାବଳୀ ଓ କଟକଣା ସମ୍ବନ୍ଧରେ ବିଶଦ୍ ବ୍ୟବସ୍ଥାମାନ ସ୍ଥାନ ପାଇଛି ।

୨.୧୭.୨ ନିୟମ ୧୦୪ ଅନୁଯାୟୀ ପ୍ରଥମେ ଗ୍ରାମ ପଞ୍ଚାୟତ ବୈଠକରେ ଋଣ ପାଇଁ ଆବେଦନ କରିବା ସକାଶେ ଏକ ପ୍ରସ୍ତାବ ଗୃହୀତ ହେବ । ଏହାପରେ ନିୟମାବଳୀ ସହିତ ସଂଲଗ୍ନ ଫର୍ମ-୨୨ରେ ଜିଲ୍ଲାପାଳଙ୍କ ନିକଟରେ ଉକ୍ତ ପ୍ରସ୍ତାବ ସହିତ ଆବେଦନ ପତ୍ର ଦାଖଲ କରାଯିବ । ଏହା ପରେ ଜିଲ୍ଲାପାଳ ସେହି ଆବେଦନର ଯୌକ୍ତିକତାକୁ (ଏ) ଠାରୁ (କେ) ପର୍ଯ୍ୟନ୍ତ ୧୦ଟି ମାନଦଣ୍ଡର ଆଧାରରେ ବିଚାର କରିବେ । ଜିଲ୍ଲାପାଳ ଯଦି ସେହି ଆବେଦନକୁ ଯଥାର୍ଥ ମଣନ୍ତି, ତେବେ ସେ ନିଜର ମନ୍ତବ୍ୟ ସହ ଆବେଦନଟିକୁ ରାଜ୍ୟ ସରକାରଙ୍କ ସ୍ତରରେ ନିଷ୍ପତ୍ତି ଲାଗି ପଠାଇଦେବେ ।

୨.୧୭.୩ ନିୟମ ୧୦୫ ଅନୁଯାୟୀ ରାଜ୍ୟ ସରକାର ଚାହିଁଲେ ଋଣ ପାଇଁ ଆବେଦନକୁ ଆଂଶିକ ବା ସଂପୂର୍ଣ୍ଣ ଭାବେ ମଞ୍ଜୁର ବା ପ୍ରତ୍ୟାଖ୍ୟାନ କରିପାରନ୍ତି ଅଥବା ଅନ୍ୟ କୌଣସି ନୂଆ ସର୍ତ୍ତାବଳୀ ଆରୋପ ପକରିପାରନ୍ତି ।

୨.୧୭.୪ ନିୟମ ୧୦୮ ଅନୁଯାୟୀ ଋଣର ମୂଳ ଓ ସୁଧ ନିର୍ଦ୍ଧାରିତ ରୀତିରେ ପରିଶୋଧ କରିବାକୁ ପଡିବ ନଚେତ୍ ଉଲ୍ଲଂଘନ କାରଣରୁ କଠିନ ପରିଣତି ଭୋଗିବାକୁ ପଡିବ । ନିୟମ ୧୧୦ ଅନୁଯାୟୀ ଯଦି ମୂଳ ଓ ସୁଧକୁ ସର୍ତ୍ତ ଅନୁଯାୟୀ ପରିଶୋଧ କରି ନପାରିଲେ ସଂପୃକ୍ତ ଗ୍ରାମପଞ୍ଚାୟତର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ରାଜ୍ୟ ସରକାରଙ୍କ ଗ୍ରାମପଞ୍ଚାୟତ ନିର୍ଦ୍ଦେଶକଙ୍କର କ୍ଷମତା ରହିଛି । ସେ ଚାହିଁଲେ ଉକ୍ତ ଗ୍ରାମପଞ୍ଚାୟତକୁ ଅନୁଦାନ ବା ସବ୍‌ସିଡି ଆକାରରେ ମିଳିବାକୁ ଥିବା ଅର୍ଥରାଶିରୁ ବକେୟା ମୂଳ ଓ ସୁଧର ପରିମାଣକୁ ବିଯୁକ୍ତ କରିଦେଇ ପାରନ୍ତି । ନିୟମ ୧୧୨ରେ ସମ୍ପତ୍ତି ବାଜ୍ୟାପ୍ତିର ପ୍ରକ୍ରିୟା ସ୍ଥାନିତ ହୋଇଛି । ଏଥିରେ କୁହାଯାଇଛି ଯେ, ଯେଉଁ ସଂପତ୍ତିକୁ

ବାଜ୍ୟାପ୍ତ କରାଯାଇଥିବ, ତହିଁରୁ କୌଣସି ଆୟ ଗ୍ରାମପାଣ୍ଠିକୁ ଯିବ ନାହିଁ ଏବଂ ସେହି ଓମ୍ପତ୍ତିର ପ୍ରଶାସନ ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କ ଉପରେ ନ୍ୟସ୍ତ ହେବ ।

**୨.୧୮ ଗ୍ରାମପାଣ୍ଠିର ପରିଚାଳନାରେ ସ୍ୱଚ୍ଛତା:**

**୨.୧୮.୧** ଗ୍ରାମପାଣ୍ଠି ପରିଚାଳନାରେ ସ୍ୱଚ୍ଛତା ରକ୍ଷାପାଇଁ ଓଡିଶା ଗ୍ରା.ପ.ଆଇନ୍ ୧୯୬୪ର ଧାରା ୨୨ରେ କୁହାଯାଇଛି ଯେ, ଗ୍ରାମପଞ୍ଚାୟତର ଜଣେ ସଭ୍ୟ ସରପଞ୍ଚଙ୍କୁ ନୋଟିସ୍ ଦେଇ ଅଫିସ୍ ସମୟରେ ଯେ ଗ୍ରା.ପ. ନିୟନ୍ତ୍ରଣରେ ଥିବା ଯେ କୌଣସି ରେକର୍ଡ ବା କାର୍ଯ୍ୟ ବା ସଂସ୍ଥାକୁ ନିରୀକ୍ଷଣ କରିପାରିବେ ଏବଂ ନିରୀକ୍ଷଣ ସମୟରେ କୌଣସି ଅନିୟମିତତା ଦେଖିଲେ ସେ ବିଷୟରେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରି ପାରିବେ । କିନ୍ତୁ ଏହା ଉଲ୍ଲେଖନୀୟ ଯେ, ଉକ୍ତ ଆଇନ୍ କି ନିୟମାବଳୀ ଅଧୀନରେ ଗ୍ରାମଶାସନର ଜଣେ ସାଧାରଣ ବାସିନ୍ଦାଙ୍କର ଏହି ଅଧିକାର ନାହିଁ ଏବଂ ଯଦି ଜଣେ ଗ୍ରାମପଞ୍ଚାୟତ ସଭ୍ୟ ଚାହିଁବା ସତ୍ତ୍ୱେ ତାଙ୍କୁ ଯଦି ନିରୀକ୍ଷଣ କରିବା ପାଇଁ ସୁଯୋଗ ନିଦିଆଗଲା, ତେବେ ଆଇନ୍‌ର ଏହି ଉଲ୍ଲଂଘନ ବିରୁଦ୍ଧରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ସେଥିପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ ।

**୨.୧୮.୨** ଓ.ଗ୍ରା.ପ. ନିୟମାବଳୀ ୧୯୬୮ର ନିୟମ ୧୫୮ରୁ ୧୬୦ରେ ଗ୍ରାମପାଣ୍ଠି ପରିଚାଳନା କ୍ଷେତ୍ରରେ ଆଂଶିକ ଅର୍ଥରେ ସାମାଜିକ ସମୀକ୍ଷାର ବ୍ୟବସ୍ଥା ସ୍ଥାନିତ ହୋଇଛି । ଏଥିରେ କୁହାଯାଇଛି ଯେ, ପୂର୍ବ ମାସ ଶେଷ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତର ସମସ୍ତ ହିସାବପତ୍ର ଗ୍ରା.ପ.ର ମାସିକ ବୈଠକରେ ଆଲୋଚିତ ତଥା ଅନୁମୋଦିତ ହେବ । ଏହି ହିସାବପତ୍ରକୁ ଅନୁମୋଦନ ଦେବା ପୂର୍ବରୁ ଗ୍ରା.ପ. ତାକୁ ଆବଶ୍ୟକ ମୁତାବକ ଯାଞ୍ଚ କରିବେ । ପୁଣି ଗୋଟିଏ ଆର୍ଥିକ ବର୍ଷ ଭିତରେ ପ୍ରାପ୍ତ ଅନୁଦାନ ରାଶି ତଥା ବିନିଯୋଗ ପ୍ରମାଣପତ୍ର ସମୂହ ସମେତ ବର୍ଷକର ସମସ୍ତ ହିସାବପତ୍ର ଗ୍ରାମ ପଞ୍ଚାୟତର ପୂର୍ବାନୁମୋଦନ କ୍ରମେ ସ୍ୱତନ୍ତ୍ର ଭାବେ ଆହୂତ ଗ୍ରାମ ଶାସନ ବୈଠକରେ ପେଶ୍ କରାଯିବ । ଅନୁମୋଦିତ ହିସାବପତ୍ରକୁ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଯିବ । ତାଙ୍କ ଠାରୁ ଅନୁମୋଦିତ ହିସାବପତ୍ର ଫେରିବା ପରେ ତହିଁର ଏକ ନକଲ ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡରେ ବିଜ୍ଞାପିତ କରାଯିବ । ପ୍ରାପ୍ତ ଅନୁଦାନ ରାଶି ସମେତ ଗ୍ରା.ପ.ର ବାର୍ଷିକ ହିସାବପତ୍ରକୁ ଗ୍ରାମ ଶାସନ ଦ୍ୱାରା ଯାଞ୍ଚ ଏବଂ ଅନୁମୋଦନର ସୁଯୋଗକୁ ଲକ୍ଷ୍ୟ କରି ଦ୍ୱିତୀୟ ଓଡିଶା ରାଜ୍ୟ ଅର୍ଥ କମିଶନ୍ ତାଙ୍କ ରିପୋର୍ଟ (୨୦୦୪)ରେ ମନ୍ତବ୍ୟ ଦେଇଛନ୍ତି ଯେ, "ଏହି ପ୍ରାବ୍‌ଧାନ କେତେକାଂଶରେ ସାମାଜିକ ସମୀକ୍ଷା ତଥା ହିସାବପତ୍ରରେ ସ୍ୱଚ୍ଛତାର ଉଦ୍ଦେଶ୍ୟ ପୂରଣ କରୁଛି" *[ଦ୍ରଷ୍ଟବ୍ୟ- ଅଧ୍ୟାୟ ୪ (ସହାୟକ ଅନୁଦାନ) ଦ୍ୱିତୀୟ ଓଡିଶା ଅର୍ଥ କମିଶନ୍‌ଙ୍କ ରିପୋର୍ଟ, ୨୦୦୪]* । କିନ୍ତୁ **ଏନ୍.ଆର୍.ଇ.ଜି.ଏ**. ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରକାଶିତ ମାର୍ଗଦର୍ଶୀକାରେ ସାମାଜିକ ସମୀକ୍ଷାର ଆୟୋଜନ ପଦ୍ଧତି ଉପରେ ସବିଶେଷ ନିର୍ଦ୍ଦେଶାବଳୀ ବର୍ତ୍ତମାନ ଉପଲବ୍‌ଧ । ପ୍ରତି ପ୍ରକଳ୍ପ ଉପରେ ସଂପୃକ୍ତ ଶ୍ରମିକ, ହିତାଧିକାରୀ ଓ ଗ୍ରାମବାସୀମାନଙ୍କ ଦ୍ୱାରା ପରିଚାଳିତ ସାମାଜିକ ସମୀକ୍ଷା ଓ ଏହାର ବିବରଣୀ ଦାଖଲ ବର୍ତ୍ତମାନ **ଏନ୍.ଆର୍.ଇ.ଜି.ଏ.ର** କାର୍ଯ୍ୟକାରିତା ପ୍ରକ୍ରିୟାରେ ଏକ ଅବିଚ୍ଛେଦ୍ୟ ଅଂଗ ହୋଇ ପଡିଛି ।

**୨.୧୮.୩** ଏହାଛଡା ଏନ୍.ଆର୍.ଇ.ଜି.ଏ. ଚାଲୁ ହେବା ପୂର୍ବରୁ ଉନ୍ନୟନ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ପାଇଁ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶନାମା ଜାରି କରାଯାଇ ସରିଛି । ଓଡିଶାର ମୁଖ୍ୟ ଶାସନ-ସଚିବ, ପତ୍ରସଂଖ୍ୟା-

୧୫୧୮୧ (୩୦) ଗ୍ରା.ପ. ତା ୦୫.୦୯.୨୦୦୨ରେ ଗୋଟିଏ ଗ୍ରା.ପ.ରେ କାର୍ଯ୍ୟକାରୀ ହେଉଥିବା ପ୍ରତି ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ପଲ୍ଲୀସଭା ଦ୍ୱାରା ସମ୍ପାଦିତ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ପଲ୍ଲୀର ବୟସ୍କ ଜନସଂଖ୍ୟାର ଏକ ଦଶମାଂଶ ହେବ ବୈଠକର କୋରମ । ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ୧/୩ ଅଂଶ ରହିବ । ସଂପୃକ୍ତ ପ୍ରକଳ୍ପର ସମସ୍ତ ବିଲ୍, ଭାଉଚର, ଏବଂ କାଗଜପତ୍ର ଉପସ୍ଥାପନ କରାଯିବ । କୌଣସି ଅଭିଯୋଗ ଉପରେ ଫଇସଲା ଉପସ୍ଥିତ ସଭ୍ୟମାନଙ୍କ ଭିତରୁ ସଂଖ୍ୟାଗରିଷ୍ଠଙ୍କ ମତ ଭିତ୍ତିରେ ଗ୍ରହଣ କରାଯିବ । ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଅନିୟମିତତା ହୋଇଛି ବୋଲି ଯଦି ପଲ୍ଲୀସଭା ଉପଲବ୍ଧି କରେ, ତେବେ ସେହି ମର୍ମରେ ଗୃହୀତ ଏକ ପ୍ରସ୍ତାବ ଉପ-ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ । ଉପ-ଜିଲ୍ଲାପାଳ ପଲ୍ଲୀସଭାର ୨ଜଣ ସଦସ୍ୟ ଓ ପ୍ରକଳ୍ପ ସହ ସଂପୃକ୍ତ ନ ଥିବା ଗୋଟିଏ ବାହ୍ୟ ବିଭାଗର ଜଣେ ବୈଷୟିକ ଅଧିକାରୀଙ୍କ ଉପସ୍ଥିତିରେ ସଂପୃକ୍ତ ମାମଲାଟିକୁ ତଦନ୍ତ କରିବେ ଓ ଯଥାବିଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଯଦି ଉକ୍ତ ତଦନ୍ତ ଭିତ୍ତିରେ ଉପ-ଜିଲ୍ଲାପାଳ ନେଇଥିବା ନିଷ୍ପତ୍ତି ପଲ୍ଲୀସଭାର ସନ୍ତୋଷଜନକ ନ ହୁଏ, ତେବେ ପଲ୍ଲୀସଭା ଚାହିଁଲେ ଜିଲ୍ଲାପାଳଙ୍କ ନିକଟରେ ମାମଲାଟିର ପୁନଃତଦନ୍ତ ପାଇଁ ଅପିଲ୍ କରିପାରିବେ । ଏବଂ ଜିଲ୍ଲାପାଳଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ ।

**୨.୧୮.୪** ସୂଚନା ଅଧିକାର ଆଇନ୍ ୨୦୦୫ ୧୨ ଅକ୍ଟୋବର ଠାରୁ ସାରା ଦେଶରେ ସଂପୂର୍ଣ୍ଣ ରୂପେ ଲାଗୁ ହୋଇସାରିଛି । ଏହା ମଧ୍ୟ ପୁରାମାତ୍ରାରେ ଓଡିଶାର ଗ୍ରାମପଞ୍ଚାୟତ ମାନଙ୍କ ପାଇଁ ପ୍ରଯୁଜ୍ୟ । ଏହି ଆଇନ୍‌ର ଧାରା ୪ ବଳରେ ପ୍ରତି ଗ୍ରାମପଞ୍ଚାୟତ ନିଜର ଆର୍ଥିକ ପରିଚାଳନା ସଂକ୍ରାନ୍ତୀୟ ତଥ୍ୟାବଳୀ ସମେତ ୧୭ ପ୍ରକାର ସ୍ୱୟଂ ପ୍ରକଟନୀୟ ସୂଚନା ନିଜ ତରଫରୁ ପ୍ରସାରଣ କରିବେ ଏବଂ ସାଧାରଣ ଲୋକେ ବିନା ଆବେଦନରେ ଏହିସବୁ ତଥ୍ୟାବଳୀକୁ ମାଗଣା ଓ ତତ୍‌କ୍ଷଣାତ୍ ନିରୀକ୍ଷଣ ଓ ହାସଲ କରି ପାରିବେ । ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬ର ନିୟମ ୨(୨) ଅନୁଯାୟୀ ନାଗରିକ ମାନଙ୍କର ଏହି ନରୀକ୍ଷଣର ଅଧିକାରକୁ ସୁଗମ କରିବା ପାଇଁ ଗ୍ରାମ ପଞ୍ଚାୟତ ସମେତ ପ୍ରତି ଜନ କର୍ତ୍ତୃପକ୍ଷଙ୍କ ନିଜ ପାଖରେ ଏକ ରେଜିଷ୍ଟର୍ ରକ୍ଷଣାବେକ୍ଷଣ କରିବେ । ଏହାଛଡା ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅନୁଯାୟୀ ଧାରା-୬ ଅଧୀନସ୍ଥ ଆବେଦନ ପାଇଁ ଫର୍ମ-ଏ ବ୍ୟବହାର କରାଯିବ । ଆବେଦନର ୩୦ ଦିନ ଭିତରେ ସୂଚନା ନମିଳିଲେ ବ୍ୟଥିତ ବ୍ୟକ୍ତି ପ୍ରଥମେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ତା'ପରେ ସୂଚନା କମିଶନ୍‌ଙ୍କ ନିକଟରେ ଅପିଲ୍ କରି ପାରିବେ । ଜଣେ ବ୍ୟଥିତ ବ୍ୟକ୍ତି ମଧ୍ୟ ସିଧାସଳଖ କମିଶନ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ । ଅଯଥାର୍ଥ କାରଣରୁ କେହି ନାଗରିକ ସୂଚନାରୁ ବଞ୍ଚିତ ହୋଇଥିଲେ କମିଶନ୍ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଜୋରିମାନା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ୍ କରି ପାରିବେ ତଥା ବ୍ୟଥିତ ନାଗରିକଙ୍କୁ କ୍ଷତିପୂରଣ ଦେବା ପାଇଁ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ପାରିବେ । କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ଜଣେ ନାଗରିକ ଓଡିଶାର ପଞ୍ଚାୟତିରାଜ ସଂସ୍ଥାସମୂହ ବା ଯେ କୌଣସି ରାଜ୍ୟ ସରକାରଙ୍କ ଅଫିସ୍‌କୁ ଧାରା ୬ ଅଧୀନରେ ଆବେଦନ କଲାବେଳେ ଫର୍ମ-ଏ ଆବଶ୍ୟକ ହେଉଥିବା ବେଳେ ଡାକଘର କି ବ୍ୟାଙ୍କ୍ କି ରେଳବାଇ କି ଟେଲିଫୋନ୍ ବିଭାଗ ଭଳି କେନ୍ଦ୍ରୀୟ ଦପ୍ତରକୁ ସୂଚନା ପାଇଁ ଆବେଦନ କଲାବେଳେ କୌଣସି ଫର୍ମର ଆବଶ୍ୟକତା ନାହିଁ । କେନ୍ଦ୍ରୀୟ ନିୟମାବଳୀ ଠାରୁ ଓଡିଶା ନିୟମାବଳୀ ଅଧିକ ଜଟିଳ ହୋଇଥିବାରୁ ଆଇନ୍‌ର ପ୍ରୟୋଗ କ୍ଷେତ୍ରରେ ଏପରି ଏକ ଦ୍ୱୈତ ଦୃଶ୍ୟପଟ ଦେଖିବାକୁ ମିଳୁଛି ।